ପ୍ରେସ୍‌ନୋଟ୍

# ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଅନୁଗୋଳ ପୌରପାଳିକା ପୁରସ୍କୃତ ।

ଅନୁଗୋଳ.ତା.୦୮.୦୯:- "ଆନ୍ତର୍ଜାତୀୟ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ୨୦୨୩" ଅବସରରେ ଚଳିତ ମାସ ଗତକାଲି ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର କୁଷାଭାଉ ଠାକ୍‌ରେ ହଲ୍ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାର ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟୀ କଲେକ୍ଟର ଶ୍ରୀମତୀ ମଧୁସ୍ମିତା ବିଶି ଏହି ପୁରସ୍କାର ଗ୍ରହଣ କରିଛନ୍ତି । କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ଯାଦବଙ୍କ ସହ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ୍ ଏହି ପୁରସ୍କାର ପ୍ରଦାନ କରିଥିଲେ । ଜଳବାୟୁ ପରିବର୍ତ୍ତନକୁ ସଫଳ ରୂପେ ମୁକାବିଲା କରିବା ଓ ସବୁଜ ବିଶ୍ୱ ଅନ୍ତର୍ଗତ ସବୁଜ ସହର ଗଠନରେ ଅନୁଗୋଳ ପୌରପାଳିକା ଦ୍ୱାରା କରାଯାଇଥିବା ଅଭିନବ ପ୍ରୟାସ ପାଇଁ ମାନପତ୍ର ସହ ୧୨ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଦେଶର ୧୩୧ଟି ସହରରେ (୩ଲକ୍ଷରୁ କମ୍ ଜନସଂଖ୍ୟା ଥିବା) ସ୍ୱଚ୍ଛ ଜଳବାୟୁ ସର୍ବେକ୍ଷଣ ଅନୁଯାୟୀ ଦେଶର ଶ୍ରେଷ୍ଠ ୯ଟି ସହର ମଧ୍ୟରେ ଅନୁଗୋଳ ନିଜର ସ୍ଥାନ ବଜାୟ ରଖିପାରିଛି । ଶ୍ରୀମତୀ ବିଶି ଏହି ପୁରସ୍କାର ଗ୍ରହଣ କରିବା ଅବସରରେ ଖୁସି ବ୍ୟକ୍ତ କରିବା ସହ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସମଗ୍ର ସହରବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

